# ବିଶ୍ୱ ପ୍ରସିଦ୍ଧ ମାଘମେଳା ଆରମ୍ଭ



ଗାଦିମନ୍ଦିର ପରିସରରେ ପ୍ରବଳ ଜନ ସମାଗମ (ଉପରେ)। ବିଦେଶୀ ପର୍ଯ୍ୟଟକମାନେ ମେଳା ବୁଲୁଛନ୍ତି। (ତଳ)

## ୫ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

- ବିଶ୍ୱ କଲ୍ୟାଣ ପାଇଁ ସାଧୁ ସନ୍ନ୍ୟାସୀଙ୍କ ପ୍ରାର୍ଥନା
- ମେଳା ବୁଲିଲେ ବିଦେଶୀ ପର୍ଯ୍ୟଟକ

ଢେଙ୍କାନାଳ,୧୧।୨(ରତନ ନାୟାର):

ଢେଙ୍କାନାଳର ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ମଙ୍ଗଳବାରଠାରୁ ୩ଦିନ ବ୍ୟାପୀ ପ୍ରସିଦ୍ଧ ମାଘମେଳା ଆରମ୍ଭ ହୋଇଛି। ସନ୍ଧ୍ୟା ୫ଟା ୧୫ରେ ଗାଦି ମନ୍ଦିରରେ ୪ଟି ଦ୍ୱାରରେ ମହିମା ସନ୍ନ୍ୟାସୀଙ୍କ ଦ୍ୱାରା ଝାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା। ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅଲେଖ ମହିମା ଧ୍ୱନିରେ କମ୍ପିଉଠିଥିଲା ମହିମା ପୀଠ। ଗାଦିମନ୍ଦିର ଚତୁଃଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ ହେବାରୁ ଗାଦିମନ୍ଦିର ସମେତ ମହିମାପୀଠ ଝଲସିଥିଲା। ମହିମା ସନ୍ନ୍ୟାସୀମାନେ ଘୃତାହୁତି କରି ବିଶ୍ୱ କଲ୍ୟାଣ ପାଇଁ ଶୂନ୍ୟପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଚଳିତବର୍ଷ ମେଳା ପାଇଁ ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଆଦି ରାଜ୍ୟ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ମହିମା ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ବ୍ରାଜିଲ, କଲମ୍ବିଆ, ଇଟାଲୀ, ବ୍ରିଟେନ, ଜର୍ମାନୀ ଆଦି ଦେଶରୁ ବିଦେଶୀ ପର୍ଯ୍ୟଟକ ମେଳାକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ମେଳା ଉପଲକ୍ଷେ ବ୍ରାହ୍ମ ମୁହୂର୍ତ୍ତରୁ ମହିମା ସନ୍ନ୍ୟାସୀମାନେ ନୀତିକାନ୍ତି କରିଥିଲେ। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଗାଦିମନ୍ଦିର ପରିସରରେ ମହିମା ସନ୍ନ୍ୟାସୀମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ମହିମା ଶ୍ରଦ୍ଧାଳୁମାନଙ୍କର ଖଞ୍ଜଣୀ ଭଜନରେ ମହିମା ପୀଠ ଯୋରନ୍ଦା ଉତ୍ସବମୁଖର ହୋଇଛି। ସେହିପରି ପଲ୍ଲିଶ୍ରୀ ମେଳା ଓ ବିଭିନ୍ନ ଷ୍ଟଲରେ ବିଦେଶୀ ପର୍ଯ୍ୟଟକଙ୍କ ସହିତ ଲୋକଙ୍କ ନାହିଁ ନ ଥିବା ଭିଡ଼ ଲାଗିଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ଅଭିନବ ସୋନକର ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ଉପରେ ଦୃଷ୍ଟି ରଖିଥିଲେ। ଉଠା ଦୋକାନୀ ଓ ଖାଦ୍ୟ ଷ୍ଟଲଗୁଡିକ ନିକଟରେ ପ୍ରବଳ ଭିଡ଼ ଜମିଥିବା ବେଳେ ଅପେରା ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି। ମାଘମେଳା ୩ଦିନ ଧରି ଅନୁଷ୍ଠିତ ହେଉଛି।


ମହିମାଗାଦିରେ ଝାଡ଼ଦୀପ ପ୍ରଜ୍ୱଳନ।

# ଢେଙ୍କାନାଳର ସତ୍ୟକାମ୍ ପୁରସ୍କୃତ

## ଟାଟା ପାୱାର ପକ୍ଷରୁ ଫଟୋଗ୍ରାଫି ପ୍ରତିଯୋଗିତା


ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସତ୍ୟକାମଙ୍କୁ ପୁରସ୍କୃତ କରୁଛନ୍ତି।

ଢେଙ୍କାନାଳ,୧୧।୨(ରତନ ନାୟାର)

ଟାଟା ପାୱାର ପକ୍ଷରୁ ୨୦୨୫ କ୍ୟାଲେଣ୍ଡର ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ, ଟିପିଏସ୍‌ଓଡିଏଲ୍ ଓ ଟିପିଡବ୍ଲୁଓଡିଏଲର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୨ଜଣ ଫଟୋଗ୍ରାଫରଙ୍କ ଫଟୋ ଚୟନ ହୋଇଥିଲା। ଏଥିରେ ଢେଙ୍କାନାଳର ଫଟୋଗ୍ରାଫର ସତ୍ୟକାମ ପରିଡାଙ୍କର ଫଟୋ ଶ୍ରେଷ୍ଠ ଭାବେ ବିବେଚିତ ହୋଇ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱରଠାରେ ମଙ୍ଗଳବାର ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସତ୍ୟକାମଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଟାଟା ପାୱାର ସଭାପତି ସଞ୍ଜୟ ବାଙ୍ଗା ଉପସ୍ଥିତ ଥିଲେ। ସତ୍ୟକାମ ଏଥିପୂର୍ବରୁ ବନ୍ୟପ୍ରାଣୀ ଓ ଜଙ୍ଗଲ ଓ ପରିବେଶର ଫଟୋ ଉଠାଇ ବନବିଭାଗ ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଥିଲେ। ସତ୍ୟକାମ ଢେ଼ଙ୍କାନାଳ ଲକ୍ଷ୍ମୀପୂଜା ଭସାଣି ଉତ୍ସବରେ କାଳୀଙ୍କ ନୃତ୍ୟ ଫଟୋ ଉଠାଇ ପୁରସ୍କୃତ ହୋଇଥିଲେ।

# ଆଇଆଇଏମ୍‌ସିରେ ସ୍ୱାସ୍ଥ୍ୟ ସାମ୍ବାଦିକତା ସମ୍ପର୍କିତ କର୍ମଶାଳା

## ପ୍ରଭାବଶାଳୀ ଯୋଗାଯୋଗ ଆପଣାଇବାକୁ ପରାମର୍ଶ



ଢେଙ୍କାନାଳ,୧୧।୨(ରତନ ନାୟାର)

ଢେଙ୍କାନାଳ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଓ ମ୍ୟାଡ୍‌ସ କମ୍ୟୁନିକେସନ୍ସର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସାମ୍ବାଦିକତା ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଶେଷ ଭାବେ ଫାଇଲେରିଆ ଓ କାଲାଜର ରୋଗର କାରଣ, ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମ୍ୟାଡ୍‌ସ କମ୍ୟୁନିକେସନ୍ସର ନିର୍ଦ୍ଦେଶିକା ଶିବାନୀ ପାଣ୍ଡେ ଯୋଗଦେଇ ଗଣମାଧ୍ୟମ କିପରି କାହାଣୀ ଓ କଥନ ମାଧ୍ୟମରେ ଫାଇଲେରିଆ ନିରାକରଣ ପାଇଁ ସଚେତନ କରିପାରିବ, ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏଥିସହିତ ଫାଇଲେରିଆ ନିରାକରଣର ବିଭିନ୍ନ ଦିଗ, ନିରାକରଣ ପାଇଁ ସରକାରୀ ସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଫାଇଲେରିଆ ଉପରେ ଦୁଇଟି ବୃତଚିତ୍ର ଓ ଗୋଟିଏ ଆନିମେସନ ଚଳଚ୍ଚିତ୍ର ପ୍ରଦର୍ଶିତ କରିଥିଲେ। ସେହିପରି ପିସିଆଇ ଇଣ୍ଡିଆ ସଂଗଠନର ପ୍ରଖର ସାକ୍ସେନା, ଫାଇଲେରିଆ ନିରାକରଣ ଦିଗରେ ଗୋଷ୍ଠୀ ସମୂହର ଭୂମିକା ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ରଖିଥିଲେ। ଗ୍ଲୋବାଲ ହେଲଥ୍ ଷ୍ଟ୍ରେଟେଜି ସଂଗଠନର ବିରାଜ ଗୌର ଆଲୋକପାତ କରି ଫାଇଲେରିଆ ନିରାକରଣ ଦିଗରେ ଗଣମଧ୍ୟମର ବିଶେଷ ଭୂମିକା ରହିଛି। ଏଥିପାଇଁ ପ୍ରଭାବଶାଳୀ ଯୋଗାଯୋଗ ଆପଣାଇବାକୁ କହିଥିଲେ। କାର୍ଯ୍ୟକ୍ରମରେ ଆଇଆଇଏମ୍‌ସିର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍, ଡ. ଚିରସ୍ରୋତା ଜେନା, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାରିକା ଶୁଭଙ୍କରୀ ଦାସ, ଏକାଡେମୀକ ଆସୋସିଏଟ୍ ସନତ ପାଢୀ ଓ ସୌମ୍ୟରଞ୍ଜନ ବିହାରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଫାଇଲେରିଆ ନିରାକରଣ ଉପରେ ଏକ ଲିଖନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଇଂରାଜୀ ସାମ୍ବାଦିକତା ବିଭାଗର ଦିବାକର ପ୍ରଥମ ଓ ଉତ୍ପଳ କୁମାର ଦ୍ୱିତୀୟ ଏବଂ ଓଡିଆ ସାମ୍ବାଦିକତା ବିଭାଗର ଆଶୁତୋଷ ମହାପାତ୍ର ତୃତୀୟ ହୋଇଥିଲେ।

# କାମାକ୍ଷାନଗର ସଂକୁଳ ବନବିହାର କାର୍ଯ୍ୟକ୍ରମ



ଓଡ଼ାପଡ଼ା, ୧୧।୨ (ରଞ୍ଜିତ ନାୟକ)

ଗତ ୯ ତାରିଖ ଦିନ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନାଧରାସ୍ଥିତ ରାମଚଣ୍ଡୀ ପୀଠଠାରେ କାମାକ୍ଷାନଗର ସଂକୁଳ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ାପଡ଼ା ସଂକୁଳ ପ୍ରମୁଖ ଘନଶ୍ୟାମ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଭାରତୀ ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ସଂକୁଳ ପ୍ରମୁଖ ନିରଞ୍ଜନ ମିଶ୍ର, ସଂଯୋଜକ ବିପ୍ରଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୮ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରର ଆଚାର୍ଯ୍ୟ ଆଚାର୍ଯ୍ୟା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିବାକ ମାନେ ଯୋଗ ଦେଇଥିଲେ। ଓଡ଼ାପଡ଼ା ପ୍ରମୁଖ ଘନଶ୍ୟାମ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଇତି ପର୍ବ ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ପରଜଙ୍ଗ, ୧୧।୨ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁମୁସି ଗ୍ରାମରେ ଥିବା ମା' ତାରିଣୀଙ୍କ ମନ୍ଦିରର ବାର୍ଷିକ ଉତ୍ସବ ତଥା ଚଇତି ପର୍ବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପର୍ବ କିପରି ହେବ, କିପରି କଳସ ଯାତ୍ରା, ପ୍ରସାଦ ସେବନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସୁରୁଖୁରୁରେ ଆୟୋଜିତ ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କମିଟିର ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ରହିଥିଲେ। ଆସନ୍ତା ଏପ୍ରିଲ ୧୦ ତାରିଖ ଦିନ ଅଙ୍କୁର ରୋପଣ, ୧୧ରେ କଳସ ଯାତ୍ରା, ୧୨ରେ ଯଜ୍ଞ ଆରମ୍ଭ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୩ରେ ଯଜ୍ଞ, ୧୪ରେ ଚଣ୍ଡୀ ହୋମ ଯଜ୍ଞ ଏବଂ ପୂର୍ଣ୍ଣାହୁତି ସ୍ଥିରୀକୃତ କରାଗଲା।

# ରାଧାନାଥ ରଥ ଶତାବ୍ଦୀ ପୁରୁଷ ଥିଲେ


ଶ୍ରାଦ୍ଧ ଦିବସରେ ଅତିଥିମାନେ

ଢେଙ୍କାନାଳ,୧୧।୨ (ରତନ ନାୟାର)

ଢେଙ୍କାନାଳ ସହର ଦକ୍ଷୀଣକାଳୀସ୍ଥିତ ଦେବକନ୍ୟା ସମ୍ମିଳନୀ କକ୍ଷରେ ପଦ୍ମଭୂଷଣ ଡ଼ଃ ରାଧାନାଥ ରଥଙ୍କ ଶ୍ରାଦ୍ଧଦିବସ ଉତ୍କଳନା ଓ ଡ଼ଃ ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ପାଳିତ ହୋଇଯାଇଅଛି। ଉତ୍କଳନାର ଜାତୀୟ ଉପସଭାପତି ଓ ଟ୍ରଷ୍ଟର ସାଧାରଣ ସମ୍ପାଦକ ଆଡ଼ଭୋକେଟ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଡ଼ଃ ରାଧାନାଥ ରଥ ଶତାବ୍ଦୀ ପୁରୁଷ ଥିଲେ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ପୂର୍ବତନ ଲୋକସମ୍ପର୍କ ଅଧିକାରୀ ଡ଼ଃ ପ୍ରମୋଦ ନାୟକ କହିଲେ ଯେ, ଡ଼ଃ ରଥ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ନନ୍ଦନକାନନର ପ୍ରତିଷ୍ଠାତା ଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ କହିଲେ ଯେ, ଡ଼ଃ ରାଧାନାଥ ରଥ 'ଝିଟିପିଟି କହେ' ମାଧ୍ୟମରେ ସରକାରଙ୍କୁ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରୁଥିଲେ। ଉତ୍କଳନାର ସାଧାରଣ ସମ୍ପାଦକ କବି ବାହାଦୁର ପାଟଶାହାଣୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ସର୍ବୋଦୟ ନେତା ଇଂ. ଲଳିତ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଫେସର ବିଶ୍ୱନାଥ ମହାପାତ୍ର, ତରୁଣ ବିଶ୍ୱାଳ, ଗୋକୁଳ ପଣ୍ଡା, ଶ୍ରମିକ ନେତା ବସନ୍ତ ବିଶ୍ୱାଳ, ପ୍ରେମାନନ୍ଦ ଶତପଥୀ, ଲକ୍ଷ୍ମୀଧର ଶତପଥୀ, ଇଂ. ଯୁଧିଷ୍ଠିର ସାହୁ, ଇଂ. ଡମ୍ବରୁଧର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇଂ. ଅବିନାଶ ଦାସ ଓ ଦୀପାୟନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସିଙ୍ଗୋଳରେ ୫୬ତମ ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବ



ସାତମାଇଲ, ୧୧।୨ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନଏସି ୱାର୍ଡନଂ ୧୫ ଅନ୍ତର୍ଗତ ସିଙ୍ଗୋଳ ଗ୍ରାମରେ ୫୬ତମ ନାମ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଆଜକୁ ୫୬ବର୍ଷ ଧରି ନାମ ସଂକୀର୍ତ୍ତନ ଉତ୍ସବ ପାଳିତ ହୋଇଆସୁଥିବା ସମୟରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୫ ଦିନ ଚାଲିବା ପରେ ଉଦ୍‌ଯାପିତ ହୋଇଛି। ଦୈନନ୍ଦିନ ସାମୂହିକ ଅନ୍ନ ପ୍ରସାଦର ବ୍ୟବସ୍ଥାରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପୂର୍ବତନ କାଉନସିଲର ତଥା ଗ୍ରାମକମିଟି ସମ୍ପାଦକ ରମେଶ ସାହୁଙ୍କ ନେତୃତ୍ୱରେ ଚାଲିଥିବା ଏହି ବିଶାଳ କାର୍ଯ୍ୟକ୍ରମରେ ୱାର୍ଡ କାଉନସିଲର ଅନୁପମା ସାହୁ, ରଞ୍ଜନ ବିଶ୍ୱାଳ, ସୁଶାନ୍ତ ବେହେରା, ପ୍ରତାପ ବିଶ୍ୱାଳ, ଶରତ ସାହୁ, ସୁନୀଲ ସାହୁ, ମୁରଲୀ ସାହୁ, ମାୟାଧର ବେହେରା, ଲଳିତ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# କାକୁଡ଼ିଭାଗ ବିଦ୍ୟାଳୟର ବାର୍ଷିକୋତ୍ସବ


ବିଦ୍ୟାଳୟର ବାର୍ଷିକୋତ୍ସବ ପୁରସ୍କୃତ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ,୧୧।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ କାକୁଡିଭାଗ ଉପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାକୁଡିଭାଗ ସରପଞ୍ଚ ରୀନା ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କବି ସୁଦର୍ଶନ ସେଠୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମଲ୍ଲିକ, ସମାଜସେବୀ ମନୋଜ ସାହୁ, କାକୁଡିଭାଗ ସିଆର୍‌ସିସି ଅର୍ଜୁନ ନାୟକ ଓ ଭାପୁର ସିଆର୍‌ସିସି ପ୍ରଶାନ୍ତ ବେହେରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡା ଶାରୀରିକ, ମାନସିକ ଓ ସାମାଜିକ ଉନ୍ନତିରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ ରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରସାନନ୍ଦ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷକ ଆଶୀର୍ବାଦ ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ମିନତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ସାହୁ ମଞ୍ଚ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ସୌରଭ ରାୟ, ନାରଦ ସାହୁ, ଶିକ୍ଷୟିତ୍ରୀ ଦୀପ୍ତିରେଖା ସେଠୀ, ରୂପଶ୍ରୀ ପରିଡା ଓ କାକୁଡିଭାଗ ଗ୍ରାମବାସୀ ସହଯୋଗ କରିଥିଲେ।

# ପାଠ ପଢ଼ିବା, ଜ୍ଞାନ ଆହରଣ ପାଇଁ କୌଣସି ସମୟସୀମା ନ ଥାଏ


ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସିନ୍‌ଫେଷ୍ଟ-୨୦୨୫ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସିନ୍‌ଫେଷ୍ଟ-୨୦୨୫ ଉଦ୍‌ଘାଟିତ

ଢେଙ୍କାନାଳ,୧୧।୨(ରତନ ନାୟାର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଙ୍ଗ୍ କଲେଜର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସିନ୍‌ଫେଷ୍ଟ-୨୦୨୫ ମଙ୍ଗଳବାର ଅପରାହ୍ନ ୫ଟାରେ ଉଦ୍‌ଘାଟିତ ହୋଇଯାଇଛି। ୪ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂହଦେଓ ଉଦ୍‌ଘାଟନ କରିବା ସହ କହିଲେ ଯେ, ଢେଙ୍କାନାଳର ପ୍ରତିଭାମାନେ ସବୁସ୍ତରରେ ଢେଙ୍କାନାଳକୁ ଗର୍ବିତ କରିଛନ୍ତି। ପାଠ ପଢିବା ଓ ଜ୍ଞାନ ଆହରଣ କରିବା ପାଇଁ କୌଣସି ସମୟସୀମା ନଥାଏ ବୋଲି ସେ କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିପିୟୁଟିର ଭାଇସ୍ ଚାନସିଲର ପ୍ରଫେସର ଡ. ଅମୀୟ କୁମାର ରଥ, ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା କରିବା ସହିତ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଣୀ ସାବିତ୍ରୀ ଦେବୀ ଉପସ୍ଥିତ ଥିଲେ। ସିନର୍ଜି ଇଞ୍ଜିନିୟରିଙ୍ଗ କଲେଜ୍ ପରିଚାଳନା କମିଟିର ଅଧ୍ୟକ୍ଷ ବିନୋଦ ଦାଶ ଉତ୍ସବରେ ସଭାପତିତ୍ୱ କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଶାନ୍ତ କୁମାର ନାୟକ ଓ ପ୍ରଫେସର ଡ. ଇତିଶ୍ରୀ ମହାନ୍ତି ମଞ୍ଚାସୀନ ଥିଲେ। ପ୍ରଫେସର କଳ୍ପନା ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ନୂଆଦିଲ୍ଲୀରୁ ଆସିଥିବା ବିଶିଷ୍ଟ ସନ୍ଥ ତଥା ପ୍ରବଚକ ପଣ୍ଡିତ ଅଜୟ ୟାଗନିକ୍ ଜୀ, ସୁନ୍ଦରାକାଣ୍ଡ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,(ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ହଣ୍ଡପା ଥାନା ବଇସିଣା ଗ୍ରାମର ମହେଶ୍ୱର ବେହେରାଙ୍କୁ ସେହି ଗ୍ରାମର ଶ୍ରୀକାନ୍ତ ସାହୁ ଓ ତାଙ୍କ ସ୍ତ୍ରୀ ସରୋଜିନୀ ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା ମହେଶ୍ୱର ମଙ୍ଗଳବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୬/୨୫ରେ ଏକ ମାମଲା ରୁଜୁ କରିଛି ।

# ମହିଳାଙ୍କୁ ହିଂସାରୁ ସୁରକ୍ଷା ପ୍ରଦାନ କରୁଥିବା ଆଇନ ଉପରେ ଗୁରୁତ୍ୱାରୋପ

## ବ୍ଲକସ୍ତରୀୟ ଆଇନଗତ ସଚେତନତା କର୍ମଶାଳା

**ଅନୁଗୋଳ,୧୧।୨(ମାନସ ବିଶ୍ୱାଳ)**

ମହିଳାଙ୍କ ମୌଳିକଅଧିକାରର ସୁରକ୍ଷା ଲାଗି ଆଇନଗତ ଢାଞ୍ଚାକୁ ସୁଦୃଢ଼ କରିବା ଏବଂ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ଗୁରୁତ୍ୱ ଦେବା ପାଇଁ ମଙ୍ଗଳବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ, ଅନୁଗୋଳ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକଦିବସୀୟ ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଲିକ, ସାମାଜିକ କର୍ମୀ ପୌର୍ଣ୍ଣମାସୀ ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଜିଲା ସମାଜ ମଙ୍ଗଳ କମିଟି ଅଧକ୍ଷା ଦୀପ୍ତିମୟୀ



ଅତିଥିମାନେ କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି।

ସାହୁ, ଅଧ୍ୟାପକ କାହ୍ନୁ ଚରଣ ପାଢ଼ୀ ପ୍ରମୁଖ ଯୋଗଦେଇ ଲିଙ୍ଗଗତ ବୈଷମ୍ୟତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତାମତ ପ୍ରଦାନ କରିଥିଲେ।

ପ୍ରଥମ ଅଧିବେଶନରେ ଲିଙ୍ଗଗତ ସମାନତାର ମୌଳିକ ଧାରଣା ଏବଂ ଲିଙ୍ଗଭିତ୍ତିକ ହିଂସାର ବିଭିନ୍ନ ରୂପ ଉପରେ ଆଲୋକପାତ କରାଯାଇଥିଲା। ଅପହରଣ, ଚାଲାଣ, ଯୌନ ନିର୍ଯାତନା, ବଳାତ୍କାର, ହତ୍ୟା ଭଳି ଅପରାଧ, ଲିଙ୍ଗଗତ ସମାନତା, ଲିଙ୍ଗ ଭିତ୍ତିକ ହିଂସା ଏବଂ ସମାଜ ଉପରେ ଲିଙ୍ଗଗତ ଭେଦଭାବ ପ୍ରଭାବ ଉପରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମହିଳାମାନଙ୍କୁ ହିଂସାରୁ ସୁରକ୍ଷା ପ୍ରଦାନ କରୁଥିବା ଆଇନ୍ ଉପରେ ଗୁରୁତ୍ୱାରୋପ କରାଯାଇ ଆଇନଗତ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ନିଃଶୁଳ୍କ ଆଇନ ସହାୟତା ସେବା, ଯୋଗ୍ୟତା ମାନଦଣ୍ଡ, ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏହି କର୍ମଶାଳାରେ ଅନୁଗୋଳ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଅଞ୍ଜଳି ତ୍ରିପାଠୀ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ଡା.ସ୍ମିତା ମଲ୍ଲିକ ରିସୋର୍ସ ପର୍ସନ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ (ବାଲ୍ୟବିବାହ ନିରାକରଣ) ସନ୍ତୋଷ କୁମାର ବେହେରା, ଜିଲା ମମତା ସଂଯୋଜକ ତାପସ କୁମାର ପାଣି, ଜିଲା ସଂଯୋଜକ (ମିଶନ ଶକ୍ତି ହବ୍) ବିଦ୍ୟାଧର ପ୍ରଧାନଙ୍କ ସମେତ ୩୦୦ରୁ ଅଧିକ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଛାତ୍ରୀ, ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଅଙ୍ଗନୱାଡ଼ି ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

**ଅନୁଗୋଳ,୧୧।୨ (ମାନସ ବିଶ୍ୱାଳ)**

ଅନୁଗୋଳ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ସୌମ୍ୟା ଶୁଭଦର୍ଶିନୀ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଆଠମଲ୍ଲିକ ଅଞ୍ଚଳ ପ୍ରକାଶ ମୁଣ୍ଡାଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୭ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୧ ମାର୍ଚ୍ଚ ୧୦ରେ ଅଭିଯୁକ୍ତ ପ୍ରକାଶ ଜଣେ ନାବାଳିକାକୁ ଡରାଇ ଧମକାଇ ଜଙ୍ଗଲିଆ ଜାଗାକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଆଠମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୧୫୫/୨୦୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡ ପରିସରରେ ଫାଣ୍ଡି ଉଦ୍‌ଘାଟିତ



ଏସ୍‌ପି ରାହୁଲ ଜୈନ ନୂଆ ଫାଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳ,୧୧।୨ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ନୂତନ ବସ୍‌ଷ୍ଟାଣ୍ଡରେ ଏକ ପାଣ୍ଡି ସୋମବାର ଉଦ୍‌ଘାଟିତ ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଫାଣ୍ଡି ନୂଆ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ହୋଇଥିବା ବେଳେ ସନ୍ଧ୍ୟାରେ ପୂଜାପାଠ କରାଯାଇଥିଲା। ଏଠାରେ ଜଣେ ଏସ୍‌ଆଇ, ଜଣେ ହାବିଲଦାର ଓ ୪ ଜଣ କନଷ୍ଟେବଲ ନିୟୋଜିତ ହୋଇଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗଦେଇ ଏହି ଫାଣ୍ଡିର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକ, ଟାଉନ ଥାନା ଅଧିକାରୀ ଧିରେଶ କୁମାର ଦାସଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ଏବଂ ବସ୍‌ଷ୍ଟାଣ୍ଡ କର୍ତ୍ତୃପକ୍ଷ ଓ ବସ୍ ମାଲିକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ନୂଆ ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ୨୦୦ରୁ ଅଧିକ ବସ୍ ଚଳାଚଳ କରୁଛି। ଏଥିରେ ଜିଲା ତଥା ଜିଲା ବାହାରୁ ସହସ୍ରାଧିକ ଯାତ୍ରୀ ଯାତାୟାତ କରୁଛନ୍ତି। ବହୁ ସଂଖ୍ୟାରେ ବ୍ୟାବସାୟିକ ପ୍ରତିଷ୍ଠାନ ମଧ୍ୟ ଗଢ଼ି ଉଠିଛି। ତେଣୁ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ସହିତ ସେଠାରେ ପୋଲିସ ଫାଣ୍ଡି ଖୋଲିବା ଅତ୍ୟନ୍ତ ଜରୁରୀ ଥିଲା। ଅନେକ ସମୟରେ ବସ୍‌ଷ୍ଟାଣ୍ଡ ପରିସରରେ ଚୋରି, ଛିନତାଇ ସହିତ ଅସାମାଜିକଙ୍କ ପ୍ରାଦୁର୍ଭାବ ନେଇ ବସ୍‌ଷ୍ଟାଣ୍ଡ କର୍ତ୍ତୃପକ୍ଷ ଓ ବସ୍ ମାଲିକ ସଂଘ ଚିନ୍ତାପ୍ରକଟ କରିଥିଲା। ଏ ନେଇ ବାରମ୍ବାର ଅଭିଯୋଗ ସହିତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଥିଲା।

# ନିପୁଣ ଓଡ଼ିଶା ମେଳା ଓ ସଚେତନତା ଶିବିର



ଅତିଥିମାନେ ବାର୍ଷିକ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

**ବନ୍ତଳା,୧୧।୨(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଅନ୍ତୁଲିଆ ଓ ଟାଇଁସି କ୍ଲଷ୍ଟରରେ ନିପୁଣ ଓଡ଼ିଶା ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଟାଇଁସି ସରପଞ୍ଚ ସୌଦାମିନୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ସଂଯୋଜକ ମନୋରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଅନ୍ତୁଲିଆ ସମିତିସଭ୍ୟା ନମିତା ସାହୁ, କୋଠଭୂଇଁ ସରପଞ୍ଚ ଜୟନ୍ତୀ ବେହେରା, ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ପ୍ରଧାନ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀ, ରାଜେନ୍ଦ୍ର ପ୍ରଧାନ ଓ ସୌରଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପିଲାଙ୍କ ଶୈକ୍ଷିକ ଅଗ୍ରଗତି ଉପରେ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। କ୍ଲଷ୍ଟର ସଂଯୋଜକ ପ୍ରଦୀପ ପରିଡ଼ା ସଭା ପରିଚାଳନା କରିଥିଲେ ଓ ଅକ୍ରୁର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ ବାର୍ଷିକ ପତ୍ରିକା 'ବଣମଲ୍ଲୀ' ଉନ୍ମୋଚନ କରାଯାଇଥିଲା। ଅତିଥିମାନେ ସମସ୍ତ ଷ୍ଟଲ ବୁଲି ଦେଖିବା ସହ ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ପ୍ରଶଂସା କରିଥିଲେ।

# ବନ୍ତୋଲରେ ସାମୁଦାୟିକ କ୍ରିକେଟ ଟୁର୍ନାମେଣ୍ଟ

**ତାଳଚେର,୧୧।୨ (ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର ଥର୍ମାଲ ଦ୍ୱାରା ଗତ ୬ ରୁ ୧୦ ତାରିଖ ମଧ୍ୟରେ ବନ୍ତୋଲ ଗାଁଠାରେ ଏକ ବୃହତ୍ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ବନ୍ତୋଲ, ସନ୍ଥପଡ଼ା, ଗୁରୁଜାଙ୍ଗୁଲି ଏବଂ ଜଗନ୍ନାଥପୁର ପଞ୍ଚାୟତର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଅରାହତା ଚାମ୍ପିୟନ ଓ କୁଲେଇ ଟିମ୍ ରନରଅପ୍ ହୋଇଥିଲା। ଏହି ଅବସରରେ ଏନ୍‌ଟିପିସି ତାଳଚେର ଥର୍ମାଲ ପ୍ରକଳ୍ପ ମୁଖ୍ୟ ବିଜୟ ଚାନ୍ଦ କହିଥିଲେ, ଖେଳ ଏପରି ଏକ ଶକ୍ତି, ଯାହା ଗ୍ରାମଗୁଡ଼ିକୁ ଏକତାରେ ଅନେକ ଯୁବ ପ୍ରତିଭାକୁ ପ୍ରେରିତ କରିଥାଏ। ଏହି କ୍ରିକେଟ ଟୁର୍ନାମେଣ୍ଟ କେବଳ ଏକ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ନୁହେଁ, ଏହା ପଞ୍ଚାୟତଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିଥାଏ।



ଅତିଥିଙ୍କ ସହ ଖେଳାଳିମାନେ।

ଏହିପରି ପ୍ରୟାସ ଆଗକୁ ବଢ଼ିବାକୁ ପ୍ରେରିତ କରେ, ଯାହାକି ଏହି ଅଞ୍ଚଳର ସମ୍ପୂର୍ଣ୍ଣ ବିକାଶକୁ ସମର୍ଥନ କରିଥାଏ। ଏନ୍‌ଟିପିସି ତାଳଚେର ଥର୍ମାଲ ସାମାଜିକ କଲ୍ୟାଣ ଏବଂ ଶତତ ବିକାଶ ପ୍ରତି ନିଜ ପ୍ରତିବଦ୍ଧତାକୁ ମଜଭୁତ କରିବା ସହ ବିଭିନ୍ନ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛି।

# ବୁଲା ପ୍ରାଣୀଙ୍କ ଚିକିତ୍ସାରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

**ବଅଁରପାଳ,୧୧।୨(ସୁବାସ ସାହୁ)**

ବଅଁରପାଳ ବ୍ଲକ୍ ଗୋତମରା ଗ୍ରାମ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଧକ୍କାରେ ଏକ ଷଣ୍ଢ ଗୁରୁତର ହୋଇଛି। ହେଲେ ଷଣ୍ଢର ଚିକିତ୍ସାରେ ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକେ କହିଛନ୍ତି, ଗତ ରବିବାର ରାତିରେ ରାଜପଥରେ ଟ୍ରେଲର ଧକ୍କାରେ ଷଣ୍ଢଟି ଛିଟିକି ପଡ଼ିଥିଲା। ସ୍ଥାନୀୟ ଲୋକେ ସୂଚନା ପାଇଁ ୧୯୬୨ରେ ସହାୟତା କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। ଚିକିତ୍ସା ସେବା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏପରିକି ସ୍ଥାନୀୟ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଜଣାଇ ଦିଆଯାଇଥିବା ସୋମବାର ସକାଳେ କୁହାଯାଇଥିଲା। କିନ୍ତୁ ଚିକିତ୍ସା ପାଇଁ କେହି ଆସି ନ ଥିଲେ। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଯୋଗାଯୋଗ କରାଯିବାରୁ ସହାୟତା କେନ୍ଦ୍ରରୁ କୌଣସି ସୂଚନା ଆସି ନ ଥିବା କୁହାଯାଇଥିଲା। ଏପରି ଅବ୍ୟବସ୍ଥାକୁ ଅଞ୍ଚଳବାସୀ ଘୋର ନିନ୍ଦା କରିବା ସହ ବିଭାଗୀୟ ଅଧିକାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



ଗୁରୁତର ହୋଇଥିବା ଷଣ୍ଢ।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ବଇଣ୍ଡା,୧୧।୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଡଙ୍ଗିଆଣି ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସୋମବାର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସାଧନାକେନ୍ଦ୍ର ସଂଯୋଜକ ପ୍ରତାପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାକୁ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଲଭାନନ୍ଦ ପ୍ରଧାନ ଓ ଅନ୍ୟତମ ଅତିଥି ଭାବେ ୱାର୍ଡମେମ୍ବର ସଂଯୁକ୍ତା ପ୍ରଧାନ, ସାଗରିକା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୌଳିକ ପର୍ଯ୍ୟାୟରେ ଶିକ୍ଷକଙ୍କ ଶିକ୍ଷାଦାନ ସମ୍ପର୍କରେ ଅନ୍ତର୍ନିହିତ, ଖେଳଭିତ୍ତିକ ମୌଳିକ ସ୍ୱାକ୍ଷରତା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରାଯାଇଥିଲା। ନାକିଚି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଅଂଶଗ୍ରହଣ କରିଥିଲେ। ଶରତଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଶିକ୍ଷକମାନେ ସହଯୋଗ କରିଥିଲେ।

# ନୂଆହତା ସୁନାଶଗଡ଼ ମଠରେ ମାଘମେଳା

**ସନ୍ଥିଛକ, ୧୧।୨ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନୂଆହତା ଗ୍ରାମ ସୁନାଶଗଡ଼ ଅଲେଖ ମହିମାମଠରେ ପବିତ୍ର ମାଘମେଳା ପାଳନ ହୋଇଛି। ଏହି ମେଳାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ମେଳା ପ୍ରାଙ୍ଗଣରେ ଏକ ହାଇମାଷ୍ଟ ଲାଇଟର ଉଦ୍‌ଘାଟନ କରିଥିଲେ। ଶୂନ୍ୟ ମନ୍ଦିର, ଧୂନି ମନ୍ଦିରରେ ଦର୍ଶନ କରି ପ୍ରଭୁକୃପା ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଠ ସଭାପତି ଦିଲୀପ ରାଉତ, ଭାଜପା ନେତା ଆଶୋକ ଧୀର, ସାମାଜିକ କର୍ମୀ ମହେନ୍ଦ୍ର ଦଳବେହେରା, ମଠ ସମ୍ପାଦକ ଉତ୍ସବ ବେହେରା, ପରିଚାଳକ ଅକ୍ଷୟ କୁମାର ନାୟକ, ବୈଷ୍ଣବ ବାବା କୁନିମାତା, ଅପର୍ତ୍ତି ବାବା, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ଗ୍ରାମ କମିଟି ସଦସ୍ୟ, ମହେଶ୍ୱର ବେହେରା, ଲିଙ୍ଗରାଜ ନାଏକ, ଉଦୟ ନାଏକ, ଲୋଚନ ନାଏକ, ନରେଶ ନାଏକ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ।




ମେଳା ଅବସରରେ ଅନୁଗୋଳ ବିଧାୟକଙ୍କ ସମେତ ଅନ୍ୟମାନେ।

# ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ



ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ,୧୧।୨(ମାନସ ବିଶ୍ୱାଳ)**

ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଅନୁଗୋଳ ଶାଖା ସୌଜନ୍ୟରେ ମଙ୍ଗଳବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ ହୋଇଯାଇଛି। ଏହି ଦିବସର ଚଳିତ ବର୍ଷର ବାର୍ତ୍ତା ହେଉଛି 'ଏକ ଉନ୍ନତ ଇଣ୍ଟରନେଟ୍ ପାଇଁ ଏକାଠି ହେବା'। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଇଣ୍ଟରନେଟ୍ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧକ୍ଷ ସଞ୍ଜିତ କୁମାର ନାୟକ ସାଇବର ସୁରକ୍ଷା, ସାଇବର ସ୍ୱଚ୍ଛତା ଏବଂ ଦାୟିତ୍ୱବାନ ନିରାପଦ ଡିଜିଟାଲ ଅଭ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ନୀଳାଞ୍ଚଳ ପଟେଲ, କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଏସ୍. କେ. ପ୍ରଧାନ, ବାଣିଜ୍ୟ ବିଭାଗ ମୁଖ୍ୟ ଏସ୍. ରଥ, ଆଇକ୍ୟୁଏସି ସଂଯୋଜକ ଏ. ସି. ରାଜହଂସ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର ଅନୁଗୋଳ ଶାଖାର ସୁମନ୍ତ କୁମାର ମିଶ୍ର, ଅଜିତ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଏନ୍‌ଆର୍‌ଏମ୍‌ଏସ୍‌ର ସଂଯୋଜକ ଚିତ୍ତରଞ୍ଜନ ସାହୁଙ୍କ ସମେତ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

**ବନ୍ତଳା,୧୧।୨(ସୁଶିତ ସାହୁ)**

ବନ୍ତଳା ଥାନା ବନ୍ତଳା ବଜାରର ଅଭୟ ପଟ୍ଟନାୟକଙ୍କ ପୁଅ ପ୍ରଶାନ୍ତ ପଟ୍ଟନାୟକଙ୍କ ମୃତଦେହ ବନ୍ତଳା ଗାଁମୁଣ୍ଡ ହାଟ ପଡ଼ିଆରେ ଥିବା ବଡ଼ବନ୍ଧ ପୋଖରୀରୁ ପୋଲିସ



ଜବତ କରିଛି। ପ୍ରଶାନ୍ତ ରବିବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ୧୦ ତାରିଖରେ ବାପା ଅଭୟ ବନ୍ତଳା ଥାନାରେ ପୁଅ ନିଖୋଜ ନେଇ ଅଭିଯୋଗ କରିଥିଲେ। ହେଲେ ମଙ୍ଗଳବାର ସକାଳୁ ଲୋକେ ପୋଖରୀକୁ ଯାଇଥିବାବେଳେ ମୃତଦେହ ଭାସୁଥିବା ଦେଖି ଗାଁକୁ ଖବର ଦେଇଥିଲେ। ଗାଁ ଲୋକେ ପହଞ୍ଚି ମୃତଦେହ ପ୍ରଶାନ୍ତଙ୍କର ବୋଲି ଜାଣିବାକୁ ପାଇ ବନ୍ତଳା ଥାନାକୁ ଖବର ଦେଇଥିଲେ। ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ବାହାର କରିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ



ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ଭାଜପା କର୍ମକର୍ତ୍ତାମାନେ।

**ବଇଣ୍ଡା,୧୧।୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟରେ ବଇଣ୍ଡା ମଣ୍ଡଳ ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ରାଜେନ୍ଦ୍ର ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ରମେଶ ବେହେରା, ରଞ୍ଜନ ବିଶାଳ, ଗୋପୀନାଥ ସାହୁ, ଅସିତ ସାହୁ, ଶ୍ରବଣ ପ୍ରଧାନ, ଗୋବିନ୍ଦ ରାଉଳ, ଅମିୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

# ମୁକ୍ତେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ

**ପରଜଙ୍ଗ, ୧୧।୨ (ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକ କୁଆଲୁ ପଞ୍ଚାୟତ ପରମହଂସପୁର ଗ୍ରାମ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ମୁକ୍ତେଶ୍ୱର ବାବାଙ୍କ ଆଉ ଏକ ନୂତନ ମନ୍ଦିର ପାଇଁ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ସୋମବାର ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଉପସ୍ଥିତିରେ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବରାଜ ସାହୁ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ନୂତନ ମନ୍ଦିରର ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ନାମ ସଂକୀର୍ତ୍ତନ କରାଯାଇଥିଲା।

# ୭୦ ପ୍ରତିଶତ ଖରିଫ ଧାନ କ୍ରୟ ଶେଷ

**ଅନୁଗୋଳ,୧୧।୨(ମାନସ ବିଶ୍ୱାଳ)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ତତ୍ତ୍ୱାବଧାନରେ ଜିଲାରେ ୭୦ ପ୍ରତିଶତ ଖରିଫ ଧାନ କ୍ରୟ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ଜିଲାରେ ମୋଟ ୪୬,୩୦୪ ଜଣ କୃଷକ ପଞ୍ଜୀକୃତ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫,୭୦୬ ଜଣ (୫୬ ପ୍ରତିଶତ) ନିଜ ଧାନ ବିକ୍ରି କରିସାରିଛନ୍ତି ଏବଂ ୨୧,୮୪୪ ଜଣ କୃଷକଙ୍କ ବ୍ୟାଙ୍କ ଖାତାକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ପଠାଯାଇଛି। ଏହି ପ୍ରକ୍ରିୟାରେ ଜିଲାରେ ମୋଟ ୯୪ ଗୋଟି ସମବାୟ ସମିତି, ୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧୩ ଜଣ ମିଲର ନିୟୋଜିତ ହୋଇଛନ୍ତି ବୋଲି ଜିଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଛିନତାଇ ଗ୍ୟାଙ୍ଗର ୩ ଗିରଫ

## ଆସ୍କାରୁ ଆସି ଅନୁଗୋଳରେ ବଢ଼ାଇଥିଲେ ସାମ୍ରାଜ୍ୟ

**ଅନୁଗୋଳ,୧୧।୨(ମାନସ ବିଶ୍ୱାଳ)**

ଅନୁଗୋଳ ପୋଲିସ ଏକ ଛିନତାଇ ଗ୍ୟାଙ୍ଗର ୩ ସଦସ୍ୟ ଗଞ୍ଜାମ ଜିଲା ଆସ୍କା ଥାନା ଝଗଡ଼ି ଗ୍ରାମର ଗଣେଶ ଦାସ (୨୫), ଗଣ୍ଡପାଲି ଗ୍ରାମର ଅର୍ଜୁନ (୧୯) ଏବଂ ବଜାରସାହି ଅଞ୍ଚଳର ଏ. ତାରିଣୀ (୪୧)ଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ଟାଉନ୍ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମାକାନ୍ତ ମହାଲିକ ଓ ଆଇଆଇସି ଧୀରେଶ କୁମାର ଦାସ ଏ ନେଇ ସୂଚନା ଦେଇଛନ୍ତି। ଏହି ଛିନତାଇ ଗ୍ୟାଙ୍ଗର ସଦସ୍ୟମାନେ ଅନୁଗୋଳ ସହର ତଥା ଆଖପାଖରେ ଦିନ ଦିପହରେ ସୁନା ଅଳଙ୍କାର ଝାମ୍ପିନେଇ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅପରାଧ ମାମଲାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏସ୍‌ଡିପିଓ ଏବଂ ଟାଉନ୍ ପିଏସ୍‌ଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଅନୁଗୋଳ ଟାଉନ ଥାନା ମାମଲା ନଂ. ୯୦୬/୨୦୨୩,



ଖବରଦାତା ସମ୍ମିଳନୀରେ ଅନୁଗୋଳ ଟାଉନ ଥାନା ପୋଲିସ ଓ ଗିରଫ ଅଭିଯୁକ୍ତମାନେ।

୧୦୪/୨୦୨୪, ୧୬/୨୦୨୫ ଉପରେ ଗୁରୁତ୍ୱ ଦେଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ଗ୍ୟାଙ୍ଗର ୨ ସଦସ୍ୟଙ୍କ ପରିଚୟ ପାଇବା ସହ ଝାମ୍ପି ନିଆଯାଇଥିବା ଅଳଙ୍କାର ବିକ୍ରି କରୁଥିବା ଦୋକାନୀଙ୍କୁ ଠାବ କରିଥିଲା। ଗଞ୍ଜାମ ଜିଲା ଆସ୍କା ଥାନା ଅଞ୍ଚଳର ସମ୍ପୃକ୍ତ ୩ ସଦସ୍ୟଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ଏକ ବାଇକ୍, ଛିନତାଇ କରାଯାଇଥିବା ମୋଟ ୩୫.୩ ଗ୍ରାମ୍‌ର ମଙ୍ଗଳସୂତ୍ର, ସୁନା ଲକେଟ, ସୁନା ଚେନ୍, ସୁନା ଝରା, ଏକ ସୁନା କଟା ମେଶିନ, ଡିଜିଟାଲ ଓଜନ ମେଶିନ, ୩ ମୋବାଇଲ୍ ଫୋନ, ଗୋଟିଏ କସଟି ପଥର, ସୁନା ଅଳଙ୍କାର ତରଳାଇବା ପାଇଁ ବ୍ୟବହୃତ ଛୋଟ ଗ୍ୟାସ୍ ସିଲିଣ୍ଡର, ନଗଦ ୮, ୨୦୦ ଟଙ୍କା, ୧.୧୧୦ ଗ୍ରାମ ଗଣେଶ ମୂର୍ତ୍ତି ସହ ବୋତଲରେ ଥିବା ନାଇଟ୍ରିକ୍ ଏସିଡ୍ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ରାଜ୍ୟର ବିଭିନ୍ନ ଜିଲାରେ ଏପରି ଛିନତାଇ କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଛିନତାଇ ପରେ ସୁନା ଅଳଙ୍କାରକୁ ଆସ୍କା ହାଟସାହିର ସମ୍ପୃକ୍ତ ଦୋକାନୀଙ୍କୁ ବିକ୍ରି କରିଥାନ୍ତି ବୋଲି ପୋଲିସ ପ୍ରକାଶ କରିଛି।

